ପ୍ରଗତିବାଦୀ
PRAGATIVADI
October 10, 2026
Page no:4
epaper.pragativadi.com

ନାସକମ ସମ୍ମିଳନୀରେ ସୌମ୍ୟରଞ୍ଜନଙ୍କ ପ୍ରତିନିଧିତ୍ୱ



■ ବାରିପଦା,ତା ୯। ୧୦ (ପିଏନଏସ)
ଜାତୀୟସ୍ତରରେ ମୟୂରଭଞ୍ଜର ଆଇଟି ଉଦ୍ୟୋଗକୁ ପରିଚିତ କରାଇବା ଦିଗରେ ଆଉ ଏକ ପଦକ୍ଷେପ ନେଇଛନ୍ତି ମୟୂରଭଞ୍ଜ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ମେସି) ର ସମ୍ପାଦକ ତଥା ବାରିପଦାସ୍ଥିତ ଆଇଟି କମ୍ପାନୀ ଇନଫୋକ୍ରିଏଟିଭ୍ସ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ଇଂ. ସୌମ୍ୟରଞ୍ଜନ ମିଶ୍ର। ସେ ଅକ୍ଟୋବର ୮ ତାରିଖରେ କୋଲକାତାର ତାଜ ତାଲ କୁଟିର ହୋଟେଲରେ ଆୟୋଜିତ ନାସକମ୍ ଟେକ୍ନୋଲୋଜି କନଫ୍ଲୁଏନ୍ସ-୨୦୨୬ରେ ଯୋଗଦେଇ ମୟୂରଭଞ୍ଜର ଆଇଟି କ୍ଷେତ୍ରର ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ସହ କମ୍ପାନୀର ଦୁଇ ଆଇଟି ଇଣ୍ଟର୍ଣ୍ଣ ଜିପୁନ ଓ ସିପୁନ ମଧ୍ୟ ଉପସ୍ଥିତ ଥିଲେ। ଡିଡିଫାଇନିଂ ଭାଲ୍ୟୁ ଇନ ଆନ ଇଣ୍ଟେଲିଜେଣ୍ଟ ୱାର୍ଲ୍ଡ' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଡିଜିଟାଲ ପ୍ରଯୁକ୍ତିବିଦ୍ୟା ଓ ନବସୃଜନ ମାଧ୍ୟମରେ ଶିଳ୍ପ ଏବଂ ବ୍ୟବସାୟ କ୍ଷେତ୍ରରେ ଆସୁଥିବା ପରିବର୍ତ୍ତନ ଉପରେ ଆଲୋଚନା ହୋଇଥିଲା। ବ୍ୟାଙ୍କିଙ୍ଗ, ସ୍ୱାସ୍ଥ୍ୟସେବା, ଉତ୍ପାଦନ, ଅଟୋମୋବାଇଲ୍, ଶକ୍ତି ଓ ଟେଲିକମ୍ କ୍ଷେତ୍ରରେ ନୂତନ ପ୍ରଯୁକ୍ତିର ପ୍ରୟୋଗ ଏବଂ ମୂଲ୍ୟ ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସମ୍ମିଳନୀ ଅବସରରେ ଇଂ. ମିଶ୍ର ନାସକମ୍ ଅଧିକାରୀଙ୍କ ସହ ଆଲୋଚନା କରି ମୟୂରଭଞ୍ଜରେ ଏହିପରି ଏକ ଶିଳ୍ପଭିତ୍ତିକ ପ୍ରଯୁକ୍ତି ସମ୍ମିଳନୀ ଆୟୋଜନ ପାଇଁ ପ୍ରସ୍ତାବ ରଖିଥିଲେ।

THE SAKALA
Mayurbhanj - 10 Oct 2026 - Page 9

ନାସକମ୍ କନଫ୍ଲୁଏନ୍ସରେ ମୟୂରଭଞ୍ଜ ଆଇଟି ଶିଳ୍ପକୁ ପ୍ରତିନିଧିତ୍ୱ କଲେ ମେସି ସମ୍ପାଦକ



ବାରିପଦା, ୯।୧୦(ସମିସ): ଭାରତର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମୟୂରଭଞ୍ଜର ଉପସ୍ଥିତିକୁ ସୁଦୃଢ଼ କରି କୋଲକାତାରେ ଅନୁଷ୍ଠିତ "ନାସକମ୍ ଟେକ୍ନୋଲୋଜି କନଫ୍ଲୁଏନ୍ସ'ରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରିଛନ୍ତି ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ମେସି)ର ସମ୍ପାଦକ ତଥା ବାରିପଦାସ୍ଥ ଆଇଟି କମ୍ପାନୀ "ଇନଫୋକ୍ରିଏଟିଭ୍ସ ସର୍ଭିସେସ୍'ର ପ୍ରତିଷ୍ଠାତା ଇଂ. ସୌମ୍ୟରଞ୍ଜନ ମିଶ୍ର। କୋଲକାତାର ହୋଟେଲ ତାଜ୍ ତାଲ କୁଟିରରେ ଆୟୋଜିତ ଏହି ସମ୍ମିଳନୀରେ ଇଂ. ମିଶ୍ରଙ୍କ ସହ ତାଙ୍କ କମ୍ପାନୀର ଆଇଟି ଇଞ୍ଜିର୍ଣ୍ଣ ଜିପୁନ ଓ ସିପୁନ ଯୋଗ ଦେଇଥିଲେ। ରେଡିଫାଇନିଂ ଭାଲ୍ୟୁ ଇନ୍ ଆନ୍ ଇଣ୍ଟେଲିଜେଣ୍ଟ ୱାର୍ଲ୍ଡ ବିଷୟବସ୍ତୁ ଉପରେ ଆଧାରିତ ଏହି ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲାଇଜେସନ ଓ ନବସୃଜନ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ ଉପରେ ଦେଶର ପ୍ରମୁଖ ଶିଳ୍ପ ନେତୃବୃନ୍ଦ ଆଲୋଚନା କରିଥିଲେ। ଏହି ଅବସରରେ ଇଂ ମିଶ୍ର ନାସକମର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ମୟୂରଭଞ୍ଜରେ ଏଭଳି ଏକ ରାଜ୍ୟ ଓ ଜାତୀୟ ସ୍ତରର ଶିଳ୍ପଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ପ୍ରସ୍ତାବ ଦେଇଥିଲେ। ଏହାଦ୍ୱାରା ସ୍ଥାନୀୟ ଉଦ୍ୟୋଗୀ, ଷ୍ଟାର୍ଟଅପ୍, ଆଇଟି କମ୍ପାନୀ ଓ ଶିକ୍ଷାନୁଷ୍ଠାନ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇପାରିବେ ଓ ଜିଲ୍ଲାର ପ୍ରତିଭାବାନ ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହୋଇପାରିବ। ବିଗତ ଦୁଇବର୍ଷ ଧରି ନାସକମର ସକ୍ରିୟ ସଦସ୍ୟ ଥିବା ଇଂ ମିଶ୍ର ମୟୂରଭଞ୍ଜକୁ ରାଜ୍ୟର ଏକ ପ୍ରମୁଖ ଆଇଟି ଓ ନବସୃଜନ କେନ୍ଦ୍ର ଭାବେ ଗଢ଼ିତୋଳିବାକୁ ଉଦ୍ୟମ ଜାରି ରଖିଛନ୍ତି।